# କାଳଜୟୀ କବିତା ରଚନା ପାଇଁ ସାଧନା ଆବଶ୍ୟକ

**ନିର୍ବାସନରେ ଥିବା ପକ୍ଷୀ ହୋଇ ସେ ଦେଖନ୍ତି ଘୋଷଯାତ୍ରାର ଓଲଟ ଦୃଶ୍ୟ । ଲାଲ ଡଙ୍ଗା'ରେ ସେ ଭାସି ବୁଲନ୍ତି କବିତାର ଭାବ ସମୁଦ୍ରରେ । ସମକାଳୀନ ଓଡ଼ିଆ କାବ୍ୟ ଜଗତରେ ସେ ଜଣେ ଚର୍ଚ୍ଚିତ ଚେହେରା, ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ ଶବ୍ଦର ଇନ୍ଦ୍ରଜାଲ କାବ୍ୟାମୋଦିଙ୍କୁ ଅଭିଭୂତ କରେ । ତାଙ୍କର ସାରସ୍ୱତ ସୃଷ୍ଟି ବିଦଗ୍ଧ ପାଠକର ଆତ୍ମା ଓ ଚୈତନ୍ୟକୁ କରେ ବିଭୋର ଓ ମନ୍ତ୍ରମୁଗ୍ଧ । ତାଙ୍କର ଶବ୍ଦର ଦର୍ପଣରେ ପ୍ରତିବିମ୍ବିତ ଜୀବନର ବହୁବିଧ ବୈଚିତ୍ର୍ୟର ବର୍ଣ୍ଣବିଭା । ପ୍ରଚାର ପ୍ରସାର ବିମୁଖ ଏହି ଆତ୍ମନିଷ୍ଠ କାବ୍ୟସାଧକ ହେଉଛନ୍ତି ବିଶିଷ୍ଟ କବି ଡ. ଭଗବାନ ଜୟସିଂ । ୨୦୧୬ ବର୍ଷ ପାଇଁ ତାଙ୍କର କବିତା ସଂକଳନ 'ଫେରନ୍ତି ଘର' ପାଇଛି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର । ଗଭୀର ପ୍ରେମାନୁଭୂତି, ଆଧୁନିକ ଜୀବନର ଅନ୍ତର୍ଦ୍ୱନ୍ଦ୍ୱ, ରୋମାଣ୍ଟିକ ଭାବ ଓ ସାମାଜିକ ସମସ୍ୟା ସଚେତନତା ତାଙ୍କ କବିତାକୁ କରିଛି ରସାଣିତ । ତାଙ୍କ ଲେଖନୀର କାବ୍ୟିକ ଭାସ୍କର୍ଯ୍ୟ ଅନନ୍ୟ । ଡ. ଜୟସିଂ ବୃତ୍ତିରେ ଅଧ୍ୟାପକ କିନ୍ତୁ ପ୍ରବୃତ୍ତି କବିତା ରଚନା । ଇଂରାଜୀରେ ଉପାଧ୍ୟୁତ୍ତର ଶିକ୍ଷା ଓ ପିଏଚ୍‌ଡି କରିଥିବା ଡ. ଜୟସିଂହ କାବ୍ୟକୃତିଗୁଡ଼ିକ ମଧ୍ୟରେ ଓଡ଼ିଆ କାବ୍ୟଗ୍ରନ୍ଥ 'ନିର୍ବାସନରେ ପକ୍ଷୀ', 'ଘୋଷଯାତ୍ରା', 'ଓଲଟ ଦୃଶ୍ୟ', 'ମାଯାଘେରରେ କାଳୀ ଦାସ', 'ଫେରନ୍ତି ଘର' ଓ 'ଲାଲ ଡଙ୍ଗା' ଅନ୍ତର୍ଭୁକ୍ତ । ଝଙ୍କାର, ଆସନ୍ତାକାଲି, ନବରବି, ପ୍ରତିବେଶୀ ଓ ଅମୃତାୟନ ଭଳି ପ୍ରମୁଖ ଓଡ଼ିଆ ସାହିତ୍ୟ ପତ୍ରିକାରେ ତାଙ୍କର ଅନେକ କବିତା ପ୍ରକାଶିତ ଏବଂ ବହୁ ଚର୍ଚ୍ଚିତ । ଡୋର୍ ଟୁ ଡେସ୍‌ପେୟାର୍, ମଡର୍ଣ୍ଣିଜିମ୍ ଇନ୍ ଓଡିଆ ପୋଏଟ୍ରି, ଅନୁବାଦ କବିତା ସଂକଳନ ଦି ଇନ୍‌ଭିଜିବୁଲ୍ ବ୍ରିଜ୍ ଆଣ୍ଡ ଅଦର୍ ପୋଏମସ୍, ଦି ଲିଲି ଲ୍ୟାଣ୍ଡ, ଇନ୍ ସର୍ଚ୍ଚ ଅଫ୍ ଦି ସେଲ୍ଫ ଆଦି ତାଙ୍କର ଅନେକ ସାରସ୍ୱତ ସୃଷ୍ଟି ମଧ୍ୟରୁ ଅନ୍ୟତମ । ବିଷୁବ ଝଙ୍କାର ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଭଳି ଅନେକ ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ ଡଃ. ଜୟସିଂ ୨୦୧୦ ମସିହାରେ ଅବସର ଗ୍ରହଣ କରିବା ପରେ ମଧ୍ୟ ସାରସ୍ୱତ ସାଧନାରେ ନିମଗ୍ନ ।**

**ପତ୍ନୀ ଅବସରପ୍ରାପ୍ତ ଅଧ୍ୟାପିକା ଇନ୍ଦିରା ଜୟସିଂ । ଦୁଇ ବିବାହିତା କନ୍ୟା ବାସ୍ନା ଓ ସ୍ନାତାଙ୍କୁ ନେଇ ତାଙ୍କର ସୁଖୀ ପରିବାର । ସ୍ଥାନୀୟ ତାଳବଣିଆ ପଣ୍ଡା ବଗିଚାସ୍ଥିତ ତାଙ୍କ ନିଜ ବାସଭବନରେ ତାଙ୍କୁ ଭେଟିଥିଲେ ନିତିଦିନର ପ୍ରତିନିଧି ବିଶ୍ୱଜିତ ମିଶ୍ର । ତାଙ୍କ ସହିତ ଅନ୍ତରଙ୍ଗ ଆଳାପର କିୟଦଂଶ ।**



**ପ୍ରଶ୍ନ-** ଏକାଡେମୀ ପୁରସ୍କାର ଆପଣଙ୍କୁ କେତେଦୂର ଉଲ୍ଲସିତ ଓ ଉତ୍ସାହିତ କରିଛି ।

**ଉତ୍ତର-** ଏକାଡେମୀ ପୁରସ୍କାର ମୋତେ ଉଲ୍ଲସିତ କରିଛି ନିଶ୍ଚୟ କିନ୍ତୁ କୌଣସି ସ୍ରଷ୍ଟାର ଉଲ୍ଲାସ କୌଣସି ଆନୁଷ୍ଠାନିକ ସ୍ୱୀକୃତିରେ ନଥାଏ । ତା'ର ଉଲ୍ଲାସ ଥାଏ ପାଠକୀୟ ସ୍ୱୀକୃତିରେ । ଦୀର୍ଘ ୫ ଦଶନ୍ଧି ଧରି ମୁଁ କବିତା ଲେଖୁଛି ଏବଂ ଏହି ୫ ଦଶନ୍ଧି ଧରି ମୁଁ ପାଠକଙ୍କ ସ୍ୱୀକୃତି ପାଇଛି । ବହୁ ପାଠକଙ୍କ ସ୍ନେହ, ଶ୍ରଦ୍ଧା ଓ ସେମାନଙ୍କ ଅଭିନନ୍ଦନ ପାଇଛି । ମୁଁ ଭାବେ ପାଠକଙ୍କ ସ୍ୱୀକୃତି ପ୍ରକୃତ ସ୍ୱୀକୃତି । ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିବାରେ ବିଳମ୍ବ ହେଲେ ମଧ୍ୟ ଏହା ମୋତେ ଉଲ୍ଲସିତ କରିଛି ।

**ପ୍ରଶ୍ନ-** ଛାତ୍ର ଜୀବନରୁ ଆପଣ କବିତା, ପ୍ରବନ୍ଧ ରଚନା ଏବଂ ଅନୁବାଦ କାର୍ଯ୍ୟ ସହ ପତ୍ରିକା ସମ୍ପାଦନାରେ ଜଡ଼ିତ । ଆପଣ କ'ଣ ଭାବୁଛନ୍ତି କି ବହୁ ବିଳମ୍ବରେ ଆପଣଙ୍କ ସାଧନାକୁ ସ୍ୱୀକୃତି ମିଳିଲା ?

**ଉତ୍ତର-** ବିଳମ୍ବରେ ହୁଏତ ମୋତେ ପୁରସ୍କାର ମିଳିଛି । କିନ୍ତୁ ମୋର ବହୁତ ପାଠକ, ଶ୍ରଦ୍ଧାବାନ ଲେଖକ ମୋତେ ଚିଠି ଲେଖିଛନ୍ତି, ଫୋନ୍ ବି କରିଛନ୍ତି ଯେ ଆମେ ଭାବିଥିଲୁ ଆପଣ ଆଗରୁ ପୁରସ୍କାର ପାଇ ସାରିଛନ୍ତି, କିନ୍ତୁ ଆମେ ଆଶ୍ଚର୍ଯ୍ୟ ହେଉଛୁ ଯେ ଆପଣ ଆଜି ଏତେ ଡେରିରେ ପୁରସ୍କାର ପାଇଲେ । ଡେରିରେ ହେଉ କି ଜଲଦି, ସେ ପୁରସ୍କାର ଯେତେବେଳେ ମିଳୁଛି ମିଳୁ ତାହା ଏକ ଆନୁଷ୍ଠାନିକ ସ୍ୱୀକୃତି; ସେ ସ୍ୱୀକୃତି ଏବେ ମୋତେ ମିଳିଛି ।

**ପ୍ରଶ୍ନ-** ଆପଣଙ୍କ ଲେଖନୀରୁ ଝରିଛି ଉଭୟ ଓଡ଼ିଆ ଓ ଇଂରାଜୀ କବିତା । ଆପଣ ବୃତ୍ତିରେ ଜଣେ ଇଂରାଜୀ ଅଧ୍ୟାପକ । ତେବେ ସ୍ୱଚ୍ଛନ୍ଦ ଭାବ ପ୍ରକାଶ ପାଇଁ ଇଂରାଜୀ କି ଓଡ଼ିଆ ଭାଷା ମଧ୍ୟରୁ କେଉଁଟି ଅଧିକ ସହଜ ଓ ସାବଲୀଳ ।




**ଉତ୍ତର-** ଓଡ଼ିଆ ଏକ ଭାଷା, ଇଂରାଜୀ ମଧ୍ୟ ଗୋଟିଏ ଭାଷା, ଉଭୟ ଭାଷା ମୁଁ ଅଧ୍ୟୟନ କରିଛି, ଓଡ଼ିଆ ମୋର ମାତୃଭାଷା । ଇଂରାଜୀ ଭାଷା ମୁଁ ଅଧ୍ୟୟନ କରିଛି ମୋ ଛାତ୍ର ଜୀବନରୁ । ଏ ଦୁଇଟି ଭାଷାରେ ମୁଁ ଯେଉଁ ଦକ୍ଷତା ହାସଲ କରିଛି ମୋତେ ଲାଗେ ଉଭୟ ଭାଷାରେ ମୁଁ କହିପାରିବି, ଲେଖିପାରିବି ଓ ବୁଝିପାରିବି ମଧ୍ୟ । ଏଣୁ କେଉଁଟି ଯେ ଅଧିକ ସରଳ ଓ ସାବଲୀଳ ତାହା କହିବା ସହଜ ନୁହେଁ । ତେବେ ଉଭୟ ଭାଷା ବ୍ୟବହାର କରିବାରେ ମୁଁ ଆନନ୍ଦ ପାଏ ଏବଂ ଉଭୟ ଭାଷା ମୋତେ ସରଳ ଓ ସାବଲୀଳ ଲାଗନ୍ତି ।

**ପ୍ରଶ୍ନ-** କେଉଁ କାବ୍ୟ ଜିଜ୍ଞାସା ଉପରେ ପର୍ଯ୍ୟବେସିତ ଆପଣଙ୍କ କବିତାର ଆଙ୍ଗିକ ଓ ଆତ୍ମା ? ଶୈଳୀ ନା କବିତାର ବାର୍ତ୍ତା ।ଉପରେ ଆପଣ ଅଧିକ ଗୁରୁତ୍ୱ ଦିଅନ୍ତି ?

**ଉତ୍ତର-** କବିତା ବାର୍ତ୍ତା ଦିଏ, କିନ୍ତୁ କୌଣସି ବାର୍ତ୍ତାପୂର୍ଣ୍ଣ କବିତା ମୁଁ ରଚନା କରେ ନାହିଁ । କାରଣ ମୁଁ କୌଣସି ଉପଦେଶ ଦିଏ ନାହିଁ ସମାଜକୁ ବା ମନୁଷ୍ୟକୁ । କବିତାର ଯେଉଁ ଅନ୍ତର୍ନିହିତ ଗୁଣ ଥାଏ, ତାହା ବିଶେଷକରି ମୋର କାବ୍ୟିକ ଚିନ୍ତାଧାରା ଉପରେ ନିର୍ଭର କରେ । ମୁଁ କହେ କବିତା କୌଣସି ଦର୍ଶନ ନୁହେଁ, କିନ୍ତୁ ମୋର ଦାର୍ଶନିକ ଅନୁଚିନ୍ତା ମୋତେ ଲେଖିବା ପାଇଁ ପ୍ରେରଣା ଯୋଗାଏ । ସେହି ପ୍ରେରଣା ହିଁ ମୋ ସୃଷ୍ଟିର ଉତ୍ସ ହୋଇଥାଏ । ତେବେ କବିତାରେ ଅଙ୍ଗ ଓ ଆତ୍ମା ମୋର ଚିନ୍ତା ଓ ଚେତନାକୁ ବୋହିନେବାରେ ସମର୍ଥ ଭୂମିକା ଗ୍ରହଣ କରିଥାନ୍ତି ।

**ପ୍ରଶ୍ନ-** ସାମ୍ପ୍ରତିକ ଉପଭୋକ୍ତାବାଦୀ ସମାଜ ଓ ଯାନ୍ତ୍ରିକ ଜୀବନ ଶୈଳୀ ମଧ୍ୟରେ କବିତାର ସ୍ଥିତି କ'ଣ ?

**ଉତ୍ତର-** ଉଭୟ ମଧ୍ୟରେ କବିତା ନିଶ୍ଚିତ ଭାବରେ ତାର ସ୍ଥିତି ବଜାୟ ରଖିଛି । ଯାନ୍ତ୍ରିକବାଦୀ ସଭ୍ୟତା ହେଉ ବା ଉପଭୋକ୍ତାବାଦୀ ସଭ୍ୟତା ହେଉ, ସେଥିରେ କବିତାକୁ ସମ୍ପୂର୍ଣ୍ଣ ଭାବେ ରିଜେକ୍ଟ କରିହେବ ନାହିଁ । କାରଣ କବିତା ମନକୁ ଉତ୍ସାହିତ କରେ । ମନୁଷ୍ୟକୁ ମନୋରଞ୍ଜନ ଯୋଗାଏ ଏବଂ ଯେ ପର୍ଯ୍ୟନ୍ତ ମନୋରଞ୍ଜନ ରହିଛି ଆମ ପାଖରେ ଏବଂ ମନୋରଞ୍ଜନ ପାଇଁ ଆମେ କବିତା ପାଖକୁ ଯାଉଛେ ସେ ପର୍ଯ୍ୟନ୍ତ କବିତାର ସ୍ଥିତି ରହିଛି । କବିତା ଆମ ପାଖରେ ରହିଛି, ରହିବ ମଧ୍ୟ ।

**ପ୍ରଶ୍ନ-** କବିତାରେ ମୂଲ୍ୟବୋଧ ଏବଂ ସାମାଜିକ ଅଙ୍ଗୀକାରବଦ୍ଧତା ଏକାନ୍ତ ଜରୁରୀ କି ?

**ଉତ୍ତର-** ଶୁଣନ୍ତୁ! ସ୍ରଷ୍ଟାଟିଏ ସମାଜରେ ବଞ୍ଚେ । ସମାଜ ତାକୁ ପ୍ରେରଣା ଦିଏ, ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଏ । ସ୍ରଷ୍ଟାଟିଏ ସମାଜର କଥା ଲେଖେ ମଧ୍ୟ । ସ୍ରଷ୍ଟାର ଅଙ୍ଗୀକାରବଦ୍ଧତା ରହିବ କି ନାହିଁ ତା ଉପରେ ନିର୍ଭର କରେ । ସମାଜରେ ଯାହା ତାକୁ ପ୍ରଭାବିତ କରେ, ତାକୁ ଆନନ୍ଦ ଦିଏ, ତା ଉପରେ ଲେଖିପାରେ । କିନ୍ତୁ ପ୍ରତ୍ୟେକ କବି ବା ସ୍ରଷ୍ଟା ନିଶ୍ଚିତ ଭାବେ ପ୍ରତିବଦ୍ଧତା ପ୍ରଦର୍ଶନ କରିବ ସେମିତି କିଛି ଜରୁରୀ ନୁହେଁ ମୋ ମତରେ ।

**ପ୍ରଶ୍ନ-** ଏକାଡେମୀ ଓ ଅନ୍ୟାନ୍ୟ ପୁରସ୍କାର ନା ପାଠକୀୟ ସ୍ୱୀକୃତି କବିତାକୁ କାଳଜୟୀ କରେ ।

**ଉତ୍ତର-** ପାଠକୀୟ ସ୍ୱୀକୃତି ସବୁ କିଛି । ମୁଁ ପୂର୍ବରୁ ଆପଣଙ୍କୁ କହିଛି କାଳଜୟୀ କବିତା ଲେଖିବା ପାଇଁ ହେଲେ ସେଭଳି ସାଧନା ଦରକାର । ଯଦି ସ୍ରଷ୍ଟାଟିଏ ସାଧନ କରେ ଏବଂ ପ୍ରକୃତରେ ତା'ର ସୃଷ୍ଟିରେ ଦମ୍ ଅଛି, ସାହସିକତା ଅଛି ଏବଂ ଯଦି ସେଭଳି ଭାବରେ ସେ ଲେଖିଛି ତେବେ ନିଶ୍ଚିତ ଭାବେ ତାହା ତାକୁ କାଳଜୟୀ କରିବ ।

**ପ୍ରଶ୍ନ-** ସମ୍ପ୍ରତି ସମାଜ, ସଂସ୍କୃତି, ପାରିବାରିକ ଓ ଗୋଷ୍ଠୀ ଜୀବନ ସବୁ କ୍ଷେତ୍ରରେ ଦେଖାଦେଇଛି ଅବକ୍ଷୟ । ଏ ପରିପ୍ରେକ୍ଷୀରେ ଲେଖକର କର୍ତ୍ତବ୍ୟ କ'ଣ ହେବା ଆବଶ୍ୟକ ।

**ଉତ୍ତର-** 'ଅବକ୍ଷୟ' ଏଭଳି ଏକ ଶବ୍ଦ ମୁଁ ଦୀର୍ଘ ୫୦ବର୍ଷ ଧରି ଶୁଣୁଛି । ଆପଣ କହିପାରନ୍ତି ହୁଏତ ସମ୍ପର୍କରେ ଅବକ୍ଷୟ ଘଟିଛି, ସମାଜରେ ଅବକ୍ଷୟ ଘଟିଛି । ହୁଏତ ଆମ ବିଶ୍ୱ ଦୃଷ୍ଟିରେ କିଛି ପରିବର୍ତ୍ତନ ଘଟିଛି । କିନ୍ତୁ ମୋ ମତରେ ଯେଉଁ ସମାଜରେ ସ୍ରଷ୍ଟାଟିଏ ବଞ୍ଚିଛି ସେ ସମାଜର କଥା ସେ କହିବ । ସମାଜର ହାନି ଲାଭ କଥା ସେ ଅନୁଭବ କରୁଛି । ତା' ଉପରେ କବିତା ଲେଖିବ । ତାହା ହିଁ ତା'ର କର୍ତ୍ତବ୍ୟ ।

**ପ୍ରଶ୍ନ-** ଆପଣଙ୍କର ପ୍ରିୟ ଓଡ଼ିଆ କବି କିଏ ? ପ୍ରିୟ ଇଂରାଜୀ କବି କିଏ କହିବେ କି ?

**ଉତ୍ତର-** ମୋର ପ୍ରିୟ ଓଡ଼ିଆ କବି ହେଉଛନ୍ତି ସଚ୍ଚିଦାନନ୍ଦ ରାଉତରାୟ ଏବଂ ଇଂରାଜୀ କବି ହେଉଛନ୍ତି ଟିଏସ୍ ଇଲିଅଟ ।

**ପ୍ରଶ୍ନ-** ଆପଣ ସର୍ବାଧିକ ପାଠ କରିଥିବା କବିତା ବା ଗ୍ରନ୍ଥାବଳୀ କ'ଣ କହିବେ କି ?

**ଉତ୍ତର-** ମୁଁ ସର୍ବାଧିକବାର ଯେଉଁସବୁ ବହି ପାଠ କରିଛି, ସେଥିମଧ୍ୟରୁ ଗୋଟିଏ ହେଉଛି ଟିଏସ୍ ଇଲିଅଟଙ୍କର 'ଦି ୱେଷ୍ଟଲ୍ୟାଣ୍ଡ' ଏବଂ ଅନ୍ୟଟି ସଚ୍ଚିଦାନନ୍ଦ ରାଉତରାୟଙ୍କ ୧୯୪୭ ମସିହାରେ ପ୍ରକାଶ ପାଇଥିବା ପାଣ୍ଡୁଲିପି, ୧୯୬୨ରେ ପ୍ରକାଶ ପାଇଥିବା କବିତା ଗ୍ରନ୍ଥ 'କବିତା ୧୯୬୨' । ଆଉ ଗୋଟିଏ କବିତା ପୁସ୍ତକ ମୁଁ ବାରମ୍ବାର ପାଠ କରିଛି ସେ ହେଉଛି ଗୁରୁପ୍ରସାଦ ମହାନ୍ତିଙ୍କର 'ସମୁଦ୍ରସ୍ନାନ' । କାରଣ ଏହି ବହିଗୁଡ଼ିକ ମୋର ସ୍ରଷ୍ଟା ଜୀବନକୁ ଅନୁପ୍ରାଣିତ କରିଛନ୍ତି ଏବଂ ଏହିମାନଙ୍କର ପ୍ରଭାବ ମୋ ଉପରେ ଅନେକ ରହିଛି ।

**ପ୍ରଶ୍ନ-** ଆଗାମୀ ପିଢ଼ିର କବି / ଲେଖକମାନଙ୍କ ପାଇଁ ଆପଣଙ୍କର ବାର୍ତ୍ତା କ'ଣ ରହିବ ?

**ଉତ୍ତର-** ମୁଁ ଗୋଟିଏ କଥା ସ୍ପଷ୍ଟ ଭାବେ କହିବାକୁ ଚାହେଁ ଯେ ଆଜିକାଲି ଯେଉଁ କବିମାନେ ଲେଖୁଛନ୍ତି ସେମାନେ ପୁରସ୍କାର ପଛରେ ଧାଆନ୍ତୁ ନାହିଁ । ସେମାନେ ଲେଖି ଚାଲନ୍ତୁ, ତାଙ୍କ ଲେଖାରେ ସାମର୍ଥ୍ୟ ଥିଲେ ତାଙ୍କୁ ଦିନେ ନା ଦିନେ ପୁରସ୍କାର ମିଳିବ । ତାଙ୍କର ଗୋଟିଏ ଲକ୍ଷ୍ୟସ୍ଥଳ ରହୁ । ତାହା ହେଉଛି ତାଙ୍କର ସୃଷ୍ଟି । ଯେତେ ସେମାନେ ସୃଷ୍ଟି କରିବେ, ଯେତେ ସେମାନେ ସୃଷ୍ଟିରେ ନିମଗ୍ନ ରହିବେ ଏବଂ ସୃଷ୍ଟି ପାଇଁ ସାଧନା ଅବ୍ୟାହତ ରଖିବେ ତାହା ତାଙ୍କୁ ଦିନେ ନା ଦିନେ ସ୍ୱୀକୃତି ଦେବ । ଏ ବିଶ୍ୱାସ ରଖନ୍ତୁ ଏବଂ ଲେଖି ଚାଲନ୍ତୁ ।